**ବ୍ୟାଟେରି ଚୋରି ଅଭିଯୋଗ**

ବଇଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାପଘରା ଅଞ୍ଚଳରେ ଥିବା ବିଏସ୍ଏନ୍ଏଲ୍ ମୋବାଇଲ ଟାୱାରରୁ ଶୁକ୍ରବାର ରାତିରେ ୭ଟି ବ୍ୟାଟେରି ଚୋରି ହୋଇଥିବା ଶନିବାର ବିଏସ୍ଏନ୍ଏଲ୍ କର୍ମଚାରୀ ଅଜିତ କୁମାର ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୦୯/୨୪ରେ ଏକ ମାମଲା ରୁଜୁ କରିଛି।

# କାକୁଡ଼ିଭାଗ କ୍ଲଷ୍ଟରର ଶିଶୁ ମହୋତ୍ସବ

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ମୋଟରୀ ଉ.ପ୍ରା. ବିଦ୍ୟାଳୟଠାରେ କାକୁଡ଼ିଭାଗ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର ଓ ଶୃତଲିଖନ, ଅଙ୍କଦୌଡ଼, ପିଏମ୍ ପୋଷଣ ସମ୍ପର୍କିତ ଚିତ୍ରକଳା ଓ ଶିଳ୍ପକଳା ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିତର୍କରେ ସତ୍ୟଜିତ୍ ପଣ୍ଡା, ପ୍ରବନ୍ଧରେ ଅର୍ଚ୍ଚନା ସାମଲ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ଅର୍ଚ୍ଚିତା ଅପରୂପା ସାହୁ ଓ କନିଷ୍ଠ ବିଭାଗରେ ଅମିତାଭ ବାରିକ, କୁଇଜ୍‌ର ବରିଷ୍ଠ ବିଭାଗରେ ଶୁଭଲକ୍ଷ୍ମୀ ସାହୁ ଓ କନିଷ୍ଠ ବିଭାଗରେ ସୌଭାଗ୍ୟବତୀ ଖିଲାର, ସୃଜନଶୀଳ ଲିଖନ ବରିଷ୍ଠ ବିଭାଗରେ ପିନୁ ସ୍ୱାଇଁ ଓ କନିଷ୍ଠ ବିଭାଗରେ ପ୍ରଜ୍ଞା ପରମିତା ସାହୁ, ସଙ୍ଗୀତର ବରିଷ୍ଠ ବିଭାଗରେ ସ୍ୱାଗତିକା ସାହୁ ଓ କନିଷ୍ଠ ବିଭାଗରେ ମୋନାଲିସା ସାହୁ, ବକ୍ତୃତା ବରିଷ୍ଠ ବିଭାଗରେ ବଦ୍ରିନାଥ ବରାଳ ଓ କନିଷ୍ଠ ବିଭାଗରେ ଦେବୀପ୍ରିୟା ରାଉତ, ପିଏମ୍ ପୋଷଣ ସମ୍ପର୍କିତ ଚିତ୍ରକଳାରେ ରାହୁଲ ଭୋଇ ଓ ଶିଳ୍ପକଳାରେ ରୁଦ୍ର ନାରାୟଣ ବେହେରା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରିୟା ଓ ସାଥୀ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ସିଆର୍‌ସିସି ଦିଲୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୌରଭ ରାୟ, ନୃସିଂହ ବେହେରା, ସନ୍ତୋଷ ଧଳ, ଆଶୀର୍ବାଦ ଧଳ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ନିଗ୍ଧାମୟୀ ନାୟକ, ଶୋଭାଶ୍ରୀ ଦଳେଇ, ମାନସୀ ଦାସ, ଶୁଭଲକ୍ଷ୍ମୀ ସେଠୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ କୃତୀକୁ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମଧୁସାହୁପାଟଣା ସମିତିସଭ୍ୟା ଗୀତାଞ୍ଜଳି ସାହୁ ମୁଖ୍ୟ ଅତିଥି, ଭାପୁର ସିଆର୍‌ସିସି ନୃସିଂହ ପତି ମୁଖ୍ୟବକ୍ତା ଓ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।


କାକୁଡ଼ିଭାଗ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

# ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ମାଧପୁର, ୨୮।୯ (ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ କରାଯିବ। ଏଥିନିମନ୍ତେ ଶନିବାର ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ତଥା ପୁରାତନ ଛାତ୍ର ଜୟନ୍ତ କୁମାର ମାହାରଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପୁରାତନ ଛାତ୍ର ତଥା ବରିଷ୍ଠ ସଦସ୍ୟ ଘାସିନାଥ ବିଶାଳ ସଭାପତିତ୍ୱ କରିବା ସହ ପୂର୍ବରୁ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀର ଅନୁଭୂତି ଉପସ୍ଥାପନ କରିଥିଲେ। ଏହାସହ ହୀରକ ଜୟନ୍ତୀ ଉପରେ ଅନ୍ୟ ସଦସ୍ୟମାନେ ମତ ରଖିଥିଲେ। ଶେଷରେ ପୂର୍ଣ୍ଣ ରୂପରେଖ ନିମନ୍ତେ ଆଗାମୀ ଅକ୍ଟୋବର ୬ ତାରିଖରେ ବୈଠକ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟତମ ପୁରାତନ ଛାତ୍ର ଚିତ୍ତରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସଦସ୍ୟ ଗ୍ରହଣ ତ୍ୱରାନ୍ୱିତ ପରାମର୍ଶ



**ଛେଣ୍ଡିପଦା,୨୮।୯(ଅଜିତ ଧଳ)**

ଛେଣ୍ଡିପଦାର ରାମଚଣ୍ଡୀ ପୀଠଠାରେ ଶନିବାର ଭାଜପାର ମଣ୍ଡଳସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁଙ୍କ ସଭାପତିତ୍ୱରେ ଭାଜପା ଆଇଟି ସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା, ନିର୍ବାଚନମଣ୍ଡଳୀ ପ୍ରଭାରୀ ଦିଲୀପ କୁମାର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝୀ, ବରିଷ୍ଠ ସଦସ୍ୟ ବିଜୟାଲକ୍ଷ୍ମୀ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟ ଗ୍ରହଣ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହିତ ସଦସ୍ୟ ଗ୍ରହଣ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ଉପସ୍ଥିତକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ କୋଶଳା ମଣ୍ଡଳର ବିକାଶ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁନୀଲ କୁମାର ପ୍ରଧାନ, ଅଭିଷେକ ବେହେରା, ଚିତ୍ତରଞ୍ଜନ ସାହୁ, ମୁନା ସାହୁଙ୍କ ସମେତ ୧୦ ପଞ୍ଚାୟତର ସଭାପତି ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

**ଛେଣ୍ଡିପଦା,୨୮।୯(ଅଜିତ ଧଳ)**

ଛେଣ୍ଡିପଦା ବନାଞ୍ଚଳର ମାରୁଢିପ ଗ୍ରାମରେ ଭାଲୁ ଆକ୍ରମଣରେ ଚାଷୀ ପ୍ରମୋଦ ମାଝୀ ଗୁରୁତର ହୋଇଛନ୍ତି। ପ୍ରମୋଦ ଜମିକୁ ଯାଉଥିବା ବେଳେ ନୁହୁରାଣୀ ନାଳ ନିକଟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଖବରପାଇ ବନ କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଓଡ଼ାପଡ଼ା,୨୮।୯(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମଧୁସ୍ମିତା ମହାନ୍ତି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ମନୋଜ କୁମାର ରାଉତ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଡ. ପ୍ରଧାନ ଆତ୍ମବିଶ୍ୱାସର ସହିତ କଠିନ ପରିଶ୍ରମ କରିବା ଦ୍ୱାରା ସଫଳତା ମିଳିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରାଉତ ପ୍ରାଣୀବିଜ୍ଞାନର ବିଶେଷତ୍ୱ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରୟୋଗଶାଳା ପ୍ରଦର୍ଶକ ବ୍ରହ୍ମାନନ୍ଦ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ରୀ ମନୀଷା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସୁରକ୍ଷିତ ଗର୍ଭପାତ ଉପରେ ଗୁରୁତ୍ୱ


ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳନ ଅବସରରେ ଅଧିକାରୀମାନେ।

**ଅନୁଗୋଳ,୨୮।୯(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ଅଧ୍ୟକ୍ଷତା କରି ସୁରକ୍ଷିତ ଓ ଆଇନଗତ ଗର୍ଭପାତ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ଗର୍ଭପାତ ଯେତେ ଶୀଘ୍ର ହେବ ସେତିକି ସହଜ. ସୁରକ୍ଷିତ ଓ ସରଳ ହେବ। ଏହାସହିତ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଡା. ସୁଜାତା ଦାସ ଗର୍ଭପାତକୁ ସୁରକ୍ଷିତ କରାଇବା ପାଇଁ ଉପଯୁକ୍ତ ସମୟ ଓ ବିଧି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଶା, ନର୍ସିଂ ଅଫିସର, ପାରାମେଡିକାଲ ଷ୍ଟାଫ, ମିଶନ ଶକ୍ତି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ

**ଅନୁଗୋଳ,୨୮।୯(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠ ମରାଡିରାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଙ୍ଗଣରେ ସାମାଜିକ ଅନୁଷ୍ଠାନ ଉତ୍କର୍ଷ ପରିବାର ପକ୍ଷରୁ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭୀଷ୍ମ ସାହୁ ଓ ସମ୍ପାଦକ ହୋମଦ୍ୟୁତି ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଚାରା ରୋପଣ ରୋପଣ କରାଯାଇଥିଲା। ଆୟୁଷ ମେଡିକାଲ ଅଫିସର ଈପ୍ସିତା ନନ୍ଦଙ୍କ ସହିତ ସଞ୍ଜୀବ କୁମାର ସାହୁ (ଫାର୍ମାସୀ ଅଫିସର), ଖୋକା ଗୋଛାୟତ, ଦୀପା ଗୋଛାୟତ, ସରୋଜ କୁମାର ଗୋଛାୟତ ଓ ଦିବ୍ୟଲୋକ ସାହୁ, ରମ୍ୟକାନ୍ତ ସାମଲ, ଅନନ୍ତ ସାହୁ, ଲିଟୁନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଔଷଧୀୟ ଚାରା ରୋପଣ କରାଯାଉଛି।

# ୧୩୨ ୟୁନିଟ୍ ରକ୍ତ ସଂଗ୍ରହ

**ପବିତ୍ରନଗର,୨୮।୯(ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ପବିତ୍ରନଗରଠାରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ବ୍ଲଡବ୍ୟାଙ୍କ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମସପ୍ତାହ ପାଳନ ଅବସରରେ ଆୟୋଜିତ ଏହି ଶିବିର ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଦୁଃଖବନ୍ଧୁ ବେହେରା, ହୃଷୀକେଶ ସାମଲ, କବିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଭାଜପା ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ନୃସିଂହ ବରାଳ, ତ୍ରିପୁରାରୀ ପ୍ରଧାନ, ମନୋଜ ପ୍ରଧାନ, ଚନ୍ଦନ ସ୍ୱରାଜଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସାମାଜିକ କର୍ମୀ ସହଯୋଗ କରିଥିଲେ।



# 'ଅନୁଗୋଳର ଲୋକକଥା' ଉନ୍ମୋଚିତ



**ବଇଣ୍ଡା, ୨୮।୯ (ପରିକ୍ଷିତ ସାହୁ)/ ଅନୁଗୋଳ (ମାନସ ବିଶ୍ୱାଳ)**

କିଶୋରନଗର ବ୍ଲକର ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ପୁସ୍ତକ 'ଅନୁଗୋଳର ଲୋକକଥା' ଶନିବାର ଉନ୍ମୋଚିତ ହୋଇଛି। ଜିଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ସାରସ୍ୱତ ସାହିତ୍ୟ ସମାରୋହ ତଥା କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଅନୁଗୋଳ ନବକୃଷ୍ଣ ଚୋଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୋଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲ, ମୁଖ୍ୟବକ୍ତା ଭାବେ ଶାନ୍ତନୁ କୁମାର ସର ଏବଂ ସମ୍ମାନିତ ଅତିଥି ଭାବେ କବି ଡ. ଇନ୍ଦିରା ଦାଶ ଓ ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ଅନୁଗୋଳର ଲୋକକଥା' ପୁସ୍ତକ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ବନମାଳୀ ବାଗ ସଞ୍ଚାଳନ କରିଥିଲେ। ଏହି ପୁସ୍ତକରେ ଅନୁଗୋଳ ଜିଲାର ୨୦ଟି ଲୋକକଥା ସ୍ଥାନ ପାଇଛି। ଅଧ୍ୟାପକ ଡ. ବନମାଳୀ ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# କଦମ ପଡ଼ିଆରେ ହେବ ଅତ୍ୟାଧୁନିକ କ୍ରିକେଟ୍ ପାଭିଲିଅନ୍

**ଅନୁଗୋଳ,୨୯।୯(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ କଦମ ପଡିଆରେ ଅତ୍ୟାଧୁନିକ ପାଭିଲିଅନ ନିର୍ମାଣ ହେବ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ଏକ ପ୍ରତିନିଧି ଦଳ ଏହାର ଅନୁଧ୍ୟାନ ପାଇଁ ଶନିବାର କଦମ ପଡିଆରେ ପହଞ୍ଚିଥିଲା। ଅନୁଗୋଳ କ୍ରିକେଟ ଆସୋସିଏଶନ ଅଧୀନରେ ଥିବା ଏହି କଦମ ପଡିଆରେ କ୍ରିକେଟ ଖେଳର ଉନ୍ନତି ପାଇଁ ଅତ୍ୟାଧୁନିକ ପାଭିଲିଅନ୍ ନିର୍ମାଣ କରାଯିବ। ଏଥିରେ ଡ୍ରେସିଂ ରୁମ୍ ସହ ଖେଳ ଦେଖିବାର ସମସ୍ତ ସୁବିଧା ରହିବ ବୋଲି ଆଲୋଚନା ହୋଇଛି। ପାଭିଲିଅନ ନିର୍ମାଣରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ଜିନ୍ଦଲ ସିଏସ୍ଆର୍ ବିଭାଗ ମୁଖ୍ୟ ଜୟନ୍ତ ମହାନ୍ତିଙ୍କ ନେତୃତ୍ୱରେ ଜିନ୍ଦଲ କ୍ରୀଡ଼ା ଅଧିକାରୀ ତାପସ ରଞ୍ଜନ ମହାନ୍ତି, କମ୍ପାନୀ ଇଞ୍ଜିନିୟରମାନଙ୍କ ସହ ଅନୁଗୋଳ କ୍ରିକେଟ ଆସୋସିଏଶନ ସଦସ୍ୟ ଶେଖ୍ ରଫିକ ପ୍ରମୁଖ ଉପସ୍ଥିତ ଥିଲେ।



କଦମ ପଡିଆରେ ଜେଏସ୍‌ପି ସିଏସ୍ଆର୍ ବିଭାଗର ଟିମ୍ ଅନୁଧ୍ୟାନ କରୁଛନ୍ତି।

# ନିପୁଣ ଓଡ଼ିଶା ମିଶନ ଶୁଭାରମ୍ଭ



**ଭୁବନ,୨୮।୯(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦ୍ୱୈତ୍ୟ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଢେଙ୍କାନାଳ ପେଡ଼ାଗୋଜି ଜିଲା ପ୍ରକଳ୍ପ ସଂଯୋଜିକା ଶୁଭଲକ୍ଷୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୌଖିକ ସାକ୍ଷରତା ସଂଖ୍ୟା ଜ୍ଞାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଶିକ୍ଷିକା ଭାବେ ଶିକ୍ଷୟିତ୍ରୀ ସ୍ନେହଲତା ରାଜ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ରାଜଲକ୍ଷ୍ମୀ ଟୁଡୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ସୁମତି ପ୍ରଧାନ ଓ ଭୁବନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇ ନିପୁଣ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରିଥିଲେ। ବ୍ଲକର ୧୭ଟି କ୍ଲଷ୍ଟରର ସମସ୍ତ ସିଆର୍‌ସିସି ଓ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ଗହଣ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପବିତ୍ରନଗର,୨୮।୯ (ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ଜରଡା ପଞ୍ଚାୟତ ଗୁଣ୍ଡୁରିନାଳୀ ଗ୍ରାମ ବୀଣାପାଣି ମଣ୍ଡପରେ ଗୁରୁବାର ଗହଣ ମେଳା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଭୈରବୀ ପୀଠଠାରୁ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯାଇଥିଲା। କଳସ ସ୍ଥାପନ ସହ କଳକୀଦେବତା ଓ ସନାତନ ଧର୍ମ ଜଗନ୍ନାଥ ସଂସ୍କୃତି ଶ୍ରୀଜଗନ୍ନାଥଙ୍କ ମହାମନ୍ତ୍ର ସଂକୀର୍ତ୍ତନ ଆଦି କର୍ମକୁ ନେଇ ଆରାଧନା କରାଯାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସମାପନ ଉତ୍ସବରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗ୍ରାମବାସୀ ଓ ଯୁବ ସମାଜ ସଂକୀର୍ତ୍ତନମଣ୍ଡଳୀ ସହଯୋଗରେ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା।

# କୋବି ଚାଷର ବିକାଶ ଉପରେ ଆଲୋଚନା



**ବଇଣ୍ଡା, ୨୮।୯ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା, ପ୍ରତାପପୁର ଗ୍ରାମରେ ହୋଇଥିବା ଫୁଲକୋବି ଚାଷକୁ ଶନିବାର ଅନୁଗୋଳ ଜିଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ପରିଚାଳିତ କୃଷି ଉତ୍ପାଦନ ସମୂହ (ଏପିସି) କାର୍ଯ୍ୟକ୍ରମର ଏପିସି କିଶୋରନଗର (ସେୱା) ପରିଦର୍ଶନ କରିଛନ୍ତି। ଏଥିସହ କିଭଳି ଜୈବିକ ପ୍ରଣାଳୀରେ ଚାଷ କରାଯାଇ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍ଆର ଟିମ କୋଅର୍ଡିନେଟର ଅଜୟ ସାମଲ ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ପ୍ରଣାଳୀ ବିଷୟରେ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ନନ୍ଦକିଶୋର ମହାକୁଡ଼, ଜିଲା ସଂଯୋଜକ ରଶ୍ମିତା ସେଠୀ, ଅତିରିକ୍ତ ଜିଲା ସଂଯୋଜକ ପ୍ରୀତମ କୁମାର ମହାନ୍ତ ଯୋଗଦାନ କରିଥିଲେ। ଏଥିସହିତ ଚାକୁଣ୍ଡାମୁଣ୍ଡା ଓ ପ୍ରତାପପୁର ଗ୍ରାମରେ ମହିଳା ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏପିସି କିଶୋରନଗରର ପ୍ରକଳ୍ପ ପରିଚାଳକ ଆଶୁତୋଷ ପ୍ରସାଦ ଗଡ଼ନାୟକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରତାପପୁର ଏବଂ ଚାକୁଣ୍ଡାମୁଣ୍ଡାର କ୍ଷେତ୍ର ପରିଦର୍ଶନ ସହିତ ମହିଳା ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ଏପିସି କିଶୋନଗର କ୍ଲଷ୍ଟର କୋଅର୍ଡିନେଟର ଭୂଲତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲାବଣ୍ୟବତୀ ରାଉଳ, ସୁଶ୍ରୀ ସଙ୍ଗୀତା ସାହୁ, କଳ୍ପନା ବିଶ୍ୱାଳ, ସଂଘମିତ୍ରା ସାହୁ, ବାପୁଜୀ ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

